**ଗ୍ରାମୀଣ କୃଷି ମୌସୁମୀ ସେବା**

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 24-06-2025

ଗଜପତି(ଓଡିଶା) - :2025-06-24 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2025-06-25 | 2025-06-26 | 2025-06-27 | 2025-06-28 | 2025-06-29 |
|---|---|---|---|---|---|
| ବର୍ଷା (ମିମି) | 20.0 | 12.0 | 15.0 | 15.0 | 8.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 36.0 | 35.0 | 34.0 | 34.0 | 35.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 24.0 | 24.0 | 23.0 | 23.0 | 24.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 92 | 90 | 92 | 91 | 91 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 71 | 63 | 63 | 68 | 69 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 6 | 5 | 3 | 5 | 5 |
| ପବନର ଦିଗ (ଡିଗ୍ରୀ) | 263 | 249 | 249 | 252 | 262 |
| ମେଘାଚ୍ଛନ (ଅକ୍ଟା) | 7 | 6 | 6 | 6 | 5 |
| ସତର୍କବାଣୀ | ଭାରି ବର୍ଷା; ବଜ୍ରପାତ ଏବଂ ବଜ୍ରପାତ, ସ୍କ୍ୱାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ | ଭାରି ବର୍ଷା; ବଜ୍ରପାତ ଏବଂ ବଜ୍ରପାତ, ସ୍କ୍ୱାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ | ଭାରି ବର୍ଷା; ବଜ୍ରପାତ ଏବଂ ବଜ୍ରପାତ, ସ୍କ୍ୱାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ | ବଜ୍ରପାତ ଏବଂ ବଜ୍ରପାତ, ସ୍କ୍ୱାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ | ବଜ୍ରପାତ ଏବଂ ବଜ୍ରପାତ, ସ୍କ୍ୱାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ |

## ପୂର୍ବାନୁମାନ ସାରାଂଶ:

ଭାରତ ପାଣିପାଗ ବିଭାଗରୁ ମିଳିଥିବା ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ଜିଲ୍ଲାରେ ଶନିବାର ଦିନ ପର୍ଯ୍ୟନ୍ତ ହାଲୁକା ରୁ ମଧ୍ୟମ ଧରଣର ବର୍ଷା ହେବା ସହିତ ଆକାଶ ସାଧାରଣତଃ ମେଘୁଆ ରହିବାର ସମ୍ଭାବନା ରହିଛି । ଆସନ୍ତା ପାଞ୍ଚଦିନ ପର୍ଯ୍ୟନ୍ତ ପବନର ବେଗ ୦୩.୦ ରୁ ୦୬.୦ କିଲୋମିଟର ପ୍ରତି ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି । ଦୈନିକ ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୪.୦°

| |
|---|
| ସେଲସିୟସ ରୁ ୩୬.୦° ସେଲସିୟସ ଏବଂ ୨୩.୦° ସେଲସିୟସ ରୁ ୨୪.୦° ସେଲସିୟସ ମଧ୍ୟରେ ରହିବାର ସମ୍ଭାବନା ରହିଛି । ସକାଳେ ଏବଂ ଅପରାହ୍ନରେ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ୯୦ ରୁ ୯୨ ଶତକଡା ଏବଂ ୬୩ ରୁ ୭୧ ଶତକଡା ମଧ୍ୟରେ ରହିପାରେ । |

### ଆବହାବିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

| |
|---|
| ହଳଦିଆ ଚେତାବନୀ (ସତର୍କ ରୁହନ୍ତୁ): ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକା ବର୍ଷା କିମ୍ବା ବିଜୁଳି ଓ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି । |

### ଆବହାବିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂଶ୍ଳିଷ୍ଟ ଏଗ୍ରୋମେଟ ପରାମର୍ଶ:

| |
|---|
| କୌଣସି ପ୍ରଭାବ ନାହିଁ । |

### ସାଧାରଣ ଉପଦେଶ:

| |
|---|
| ଗଜପତି ଜିଲ୍ଲାରେ ଗତସପ୍ତାହରେ ହାରାହାରି ସର୍ବାଧିକ ଦୈନିକ ତାପମାତ୍ରା ୩୫.୦° ସେଲସିୟସ ଏବଂ ହାରାହାରି ସର୍ବନିମ୍ନ ଦୈନିକ ତାପମାତ୍ରା ୨୪.୩° ସେଲସିୟସ ଥିଲା । ଗତସପ୍ତାହରେ ଜିଲ୍ଲାରେ ୨୮.୯ ମିଲିମିଟର ବର୍ଷା ହୋଇଅଛି । ଏକ ଏକର ଧାନ ଚାଷ ପାଇଁ ୪୦୦ବର୍ଗମିଟର ବା ୧୦ ଡେସିମିଲ ତଳିଘରା ଆବଶ୍ୟକ ହୋଇଥାଏ । ଧାନ ବୁଣିବାପୂର୍ବରୁ ୧କିଲୋଗ୍ରାମ ବିହନରେ ୧୦ଗ୍ରାମ ଟ୍ରାଇକୋଡର୍ମା କିମ୍ବା ୩ଗ୍ରାମ କାପଟାନ କିମ୍ବା ୩ଗ୍ରାମ ଥିରାମ ମିଶାଇ ବିହନ ବିଶୋଧନ କରନ୍ତୁ । ମରୁଡ଼ିରୁ ରକ୍ଷାପାଇବା ପାଇଁ ଉଚ୍ଚଜମିରେ ଅଣଧାନ ଫସଲ ଚାଷ କରନ୍ତୁ । ଶସ୍ୟଜାତୀୟ ଫସଲ ସହ ଡାଲି କିମ୍ବା ତୈଳବୀଜ ଜାତୀୟ ଫସଲକୁ ଅନ୍ତଃଚାଷ କରନ୍ତୁ । ଯଥାସମ୍ଭବ ବିହନ ବୁଣି ଅଗଷ୍ଟ ମଧ୍ୟଭାଗ ସୁଦ୍ଧା ଧାନ ରୋପଣ କାର୍ଯ୍ୟ ଶେଷ କରନ୍ତୁ । ମଧ୍ୟମ ଜମିରେ ମଧ୍ୟମ ଅବଧି ଧାନ କିସମ ଲଗାନ୍ତୁ । ଧାନକୁ ଧାଡିରେ ବୁଣନ୍ତୁ ଏବଂ ଶୀଘ୍ର ବେଉଷଣ କରନ୍ତୁ ଏବଂ ଘାସ ବାଛନ୍ତୁ । ଏହାଦ୍ୱାରା ରୋପଣ ପାଇଁ ଆବଶ୍ୟକ ବୃଷ୍ଟିପାତରୁ କମ ବୃଷ୍ଟିପାତ ଦରକାର ଏବଂ ଏହାଦ୍ୱାରା ବିଳମ୍ବରେ ଲଗାଇଲା ବେଳେ ଅଧିକ ବୟସର ତଳି ହୋଇଯିବାର ସମ୍ଭାବନାକୁ ମଧ୍ୟ ଏଡାଯାଇପାରିବ । |

### ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| ଅଣଧାନ ଫସଲରୁ ଅତ୍ୟଧିକ ଜଳ ନିଷ୍କାସନ କରନ୍ତୁ, ଜଳ ନିଷ୍କାସନ ପାଇଁ ନାଳି ପ୍ରସ୍ତୁତ କରନ୍ତୁ ଏବଂ ନାଳି ମୁହଁକୁ ଖୋଲା ରଖନ୍ତୁ। |

### ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | କାଦୁଅ ତଳିଘରା ପାଇଁ ନିର୍ବାଚିତ ଜମିକୁ ୩-୪ଓଡ ଚାଷ କରି ୨ରୁ ୩ ଦିନ ପର୍ଯ୍ୟନ୍ତ ପାଣି ଭର୍ତି କରି ରଖନ୍ତୁ । ଏହା ପରେ ତଳିଘରା କୁ ଭଲଭାବରେ କାଦୁଅ କରି ମଇ ଦେଇ ସମତୁଲ କରି ଦିଅନ୍ତୁ । ଶେଷ ଓଡ ଚାଷ ବେଳକୁ ୨୦୦କିଲୋଗ୍ରାମ କମ୍ପୋଷ୍ଟ କିମ୍ବା ସଢା ଗୋବର ଖତ, ୪କିଲୋଗ୍ରାମ DAP, ୪କିଲୋଗ୍ରାମ ପଟାସ ସାର ଏହି ସମୟରେ ପ୍ରୟୋଗ କରନ୍ତୁ । ତଳିଘରା କୁ ୧.୫ ମିଟର ଓସାର ୧୦ସେ.ମି ଉଚ୍ଚତା ଏବଂ ସବୁଧା ଅନୁସାରେ ଲମ୍ବ ରଖି ଛୋଟ ଛୋଟ ପଟାଳି କରନ୍ତୁ । ପଟାଳି ମଝିରେ ୩୦ସେ.ମି ଚଉଡା ନାଳି, ଜଳସେଚନ ପାଇଁ ରଖନ୍ତୁ । ପଟାଳିର ପ୍ରତି ବର୍ଗ ମିଟର ପିଛା ୪୦-୫୦ଗ୍ରାମ ବିଶୋଧିତ ଗଜା ଧାନକୁ, ଧାଡିରେ ପ୍ରତି ୫ସେ.ମି ବ୍ୟବଧାନରେ ବୁଣନ୍ତୁ ଓ ଶୁଖିଲା ଗୋବର ଖତ କୁ ଛିଞ୍ଚି ଘୋଡାଇ ଦିଅନ୍ତୁ । ତଳିଘରା କୁ ଓଦା ରଖନ୍ତୁ ଏବଂ ଠିଆ ପାଣି କିପରି ନ ରହିବ ସେହିପରି ଯତ୍ନ ନିଅନ୍ତୁ। |

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ବାଦାମ | ଚିନାବାଦାମ ର ଉପଯୁକ୍ତ କିସମ ଯଥାଦେବୀ ( ଆଇ.ସି.ଜି.ଭି-୯୧୧୧୪) Devi (ICGV-91114), କାଦ୍ରି-୬ (Kadri-6), କାଦ୍ରି-୯ (Kadri-9),ଟି.ଜି-୩୭ଏ (TG-37A),ଟିଏଜି-୫୧ (TAG-51), ଟିଏଜି-୩୮ ( TAG-38), ଟିଏଜି-୨୪ (TAG-24), ସ୍ମୃତି, ସିଓ-୭ (CO-7), ଧରଣୀ (Dharani)ଆଦି ଚୟନ କରନ୍ତୁ । ବିହନ ବୁଣିବାର ଏକ ଘଣ୍ଟା ପୂର୍ବ ରୁ ବିଶୋଧିତବିହନ କୁ ରାଇଜୋବିୟମ ବୀଜାଣୁ କଲଚର ଉପଚାର କରି ବୁଣନ୍ତୁ। |
| ମକା | ଫଲ୍ଆର୍ମି ୱାର୍ମନାମକ କୀଟର ପରିଚାଳନା ପାଇଁ ବିହନକୁ ବୁଣିବା ଆଗରୁ ଏକ କେଜି ବିହନରେ ୪-ମିଲି Cyantraniliprole ୧୯.୮ %+ Thiamethoxam ୧୯.୮ % FS କୀଟନାଶକରେ ମିଶାଇ ବିହନ ବିଶୋଧନ କରନ୍ତୁ । |
| ମସୁର / ହରଡ଼ | ବିହନକୁ ବୁଣିବା ଆଗରୁ ଏକ କେଜି ହରଡ ବିହନରେ୨-ଗ୍ରାମ Carbendazim କିମ୍ବା ୩- ଗ୍ରାମ Carboxin ଓ Thiram ର ମିଳିତ ଔଷଧ ଯାହାକି Vitavax power ବା Vaccinator power ନାମରେ ମିଳୁଛି ମିଶାଇ ବିହନ ବିଶୋଧନ କରନ୍ତୁ । ବିହନ ବୁଣିବାର ଏକ ଘଣ୍ଟା ପୂର୍ବରୁ ହରଡକୁ ରାଇଜୋବିଅମ ବୀଜାଣୁ କଲଚର ୨୦- ଗ୍ରାମ ନେଇ ଏକ କିଲୋଗ୍ରାମ ବିହନରେ ଘୋଳାଇ ଉପଚାର କରନ୍ତୁ। |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ବାଇଗଣ | ତଳିଘେରାରେ ଘରାକଟା ରୋଗ ହୋଇ ତଳି ମରିବା ଦେଖାଦେଲେ, ବର୍ଷା ଛାଡ଼ିଗଲା ପରେ ଶୁଖିଲା ପାଗ ଦେଖି ୧୦-ଲିଟର ପାଣିରେ୨୦-ଗ୍ରାମ ମେଟାଲାଗଜିଲ (Metalaxyl) ଓ ମାଙ୍କୋଜେବ (Mancozeb)ର ମିଳିତ ଫିମ୍ପିନାଶକ, ମିଶାଇ ଏହି ଦ୍ରବଣ କୁ ଝରା ଦ୍ଵାରା ମାଟି କୁ ଭିଜାନ୍ତୁ।ତଳିଉପାଡିବାରପୂର୍ବ ଦିନ ସନ୍ଧ୍ୟାସମୟରେ ୧୦-ଲିଟର ପାଣିରେ ୧୦-ଗ୍ରାମ ଟ୍ରାଇକୋଡର୍ମା ଭିରିଡି (Trichoderma viride 1% WP) or ଟ୍ରାଇକୋଡର୍ମା ହାର୍ଜିଆନମ୍ (Trichoderma harzianum 1% WP) ମିଶାଇ, ଏହି ଦ୍ରବଣ କୁ ଝରା ସାହାର୍ଯ୍ୟ ରେ ସ୍ପ୍ରେ କରି ମାଟି କୁ ଭଲ ଭାବରେ ଭିଜାନ୍ତୁ। |
| ଝୋଟ ନ୍ଦାଚ | ଯଦି ଲଙ୍କା ଗଛ ଝାଉଁଳି ଯାଇ ପତ୍ର ଗୁଡିକ ଭିତର ଓ ବାହାର ପଟକୁ ମୋଡ଼ିହୋଇ ଯାଉଛି ଏବଂ ପତ୍ର ଗୁଡିକ ହଳଦିଆ ହୋଇ ସମ୍ପୂର୍ଣ ଗଛ ଝାଉଁଳି ଯାଉଛି । ତେବେ, ବର୍ଷା ଛାଡ଼ିଗଲା ପରେ ଶୁଖିଲା ପାଗରେ ଏହାର ପରିଚାଳନା କରିବା ପାଇଁ ଏକର ପ୍ରତି 400 gm Carbendazim ଓ Mancozebର ମିଳିତ ଔଷଧ କୁ 200 ଲିଟର ପାଣିରେ ମିଶାଇ ଗଛର ମୂଳକୁ ଭଲ ଭାବରେ ଭିଜାନ୍ତୁ। |
| ଲଙ୍କା | ଯଦି ଲଙ୍କା ଗଛ ଝାଉଁଳି ଯାଇ ପତ୍ର ଗୁଡିକ ଭିତର ଓ ବାହାର ପଟକୁ ମୋଡ଼ିହୋଇ ଯାଉଛି ଏବଂ ପତ୍ର ଗୁଡିକ ହଳଦିଆ ହୋଇ ସମ୍ପୂର୍ଣ ଗଛ ଝାଉଁଳି ଯାଉଛି । ତେବେ, ବର୍ଷା ଛାଡ଼ିଗଲା ପରେ ଶୁଖିଲା ପାଗରେ ଏହାର ପରିଚାଳନା କରିବା ପାଇଁ ଏକର ପ୍ରତି 400 gm Carbendazim ଓ Mancozebର ମିଳିତ ଔଷଧ କୁ 200 ଲିଟର ପାଣିରେ ମିଶାଇ ଗଛର ମୂଳକୁ ଭଲ ଭାବରେ ଭିଜାନ୍ତୁ। |
| କଦଳୀ | କଦଳୀ ଗଛରେ ଘୁଣିପୋକ ବା ଶୁଣ୍ଢୀ ପୋକର ପରିଚାଳନାପାଇଁକଦଳୀ ବଗିଚାରେ ଏକର ପ୍ରତି ୧୦ଟି Cosmolure ଥିବା ସଂଗଆକର୍ଷକ ଯନ୍ତା ବସାନ୍ତୁ । ଗଛ ଲଗାଇବା ବେଳକୁକନ୍ଦାଗୁଡିକୁଉଷୁମ ପାଣିରେ ବୁଡାଇ (୩୦ମିନିଟ) ତା' ପରେ ଲଗାନ୍ତୁ । ଗାତ ଗୁଡିକରେ ୨୫୦ଗ୍ରାମ ନିମ୍ବ ପିଡିଆ କିମ୍ବା ୨୫-୫୦ଗ୍ରାମ ଯେକୌଣସିଦାନାଦାର କୀଟନାଶକ ଦେଇ ଲଗାନ୍ତୁ । ଏହି ପୋକର ଆକ୍ରମଣରୁରକ୍ଷା ପାଇବା ପାଇଁଆକ୍ରାନ୍ତ ଗଛକୁକାଟିଟିକିଟିକିକରିଖରାରେ ଶୁଖାଇଦିଅନ୍ତୁ । କଦଳୀ ବଗିଚା ସଫାସୁତୁରା ରଖନ୍ତୁ । ବର୍ଷା ପରେ ଗଛ ପ୍ରତି ୨ମିଲି Imidacloprid ୩୦SL Injection କଣା ଉପରୁ ୧୦ସେମି ଛାଡି ତେର୍ଚ୍ଛାରେ ଗଛର କାଣ୍ଡରେ ଦିଅନ୍ତୁ । |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ | ଗାଈଗୋରୁଙ୍କ ଠାରେ ତୁଣ୍ଡ ବା ପାଟିଘା ସାଧାରଣତଃ ବ୍ୟାକ୍ଟେରିଆ, ଭାଇରସ ଜନିତ ସଂକ୍ରମଣ ଓ ଭିଟାମିନ ଅଭାବରୁ ହୋଇଥାଏ । ଏହା ବ୍ୟତୀତ ଅଧିକଟାଆଁସାଘାସବାନଡା ଚୋବାଇବାରୁ କିମ୍ବା କିଛି ଅସ୍ୱାଭାବିକ ବସ୍ତୁ ଖାଇବା ଦ୍ବାରା ଏହି ରୋଗ ହୋଇଥାଏ । ପ୍ରାଥମିକ ଚିକିତ୍ସା ଭାବରେ ଗାଈଗାରୁଙ୍କ ପାଟି ଭିତର ପରୀକ୍ଷା କରନ୍ତୁ । ପାଟିରେ କିଛି ଅସ୍ୱାଭାବିକ ବସ୍ତୁ ଲାଗିଥିଲେ ବାହାର କରି ଦିଅନ୍ତୁ । ପାଟିକୁ ଖାଇବା ସୋଡା କିମ୍ବା ପଟାସ ପରମାଙ୍ଗାନେଟ ଜଳରେ ଧୋଇ ଦିଅନ୍ତୁ। ଏହାପରେ ଘା ଜାଗାରେ ବୋରୋ ଗ୍ଲିସେରିନ ଲଗାଇ ଦିଅନ୍ତୁ । ସୁଷମଖାଦ୍ୟ ଓ ଭଲ ପାନୀୟଜଳ ଯୋଗାଇ ଦିଅନ୍ତୁ । |
| ଛେଳି | ଟିଙ୍କ ଉକୁଣିମାନେ ଛେଳି ମେଣ୍ଢାମାନଙ୍କର ଶରୀରର ଲୋମ ତଳେ ବାସ କରି ସେମାନଙ୍କର ରକ୍ତ ଶୋଷଣ କରିଥାନ୍ତି, ଫଳରେ ପ୍ରାଣୀଟି ରକ୍ତାହୀନ ରୋଗରେ ପୀଡ଼ିତ ହୋଇ ମୃତ୍ୟୁ ବରଣ କରିଥାଏ । ଏହି ବାହ୍ୟ ପରଜୀବୀଗୁଡ଼ିକ ଛେଳି ମେଣ୍ଢାମାନଙ୍କର ଚର୍ମକୁ କାମୁଡ଼ିବା ଦ୍ବାରା ଶରୀର କୁଣ୍ଡାଇ ହୁଏ ଓ ଘା ସୃଷ୍ଟି ହୋଇଥାଏ । ଏମାନଙ୍କୁ ନିର୍ମୂଳକରିବା ପାଇଁ ମାଲାଥିଅନ, ସାଇପରମେଥ୍ରୀନ, ଡେଲ୍ଟାମେଥ୍ରୀନ ପରି ଔଷଧ 1 ମି.ଲି. 1 ଲିଟର ପାଣିରେ ମିଶାଇ ପ୍ରାଣୀ ମାନଙ୍କର ଶରୀର ତଥା ଗୁହାଳରେ ସ୍ପ୍ରେ କରାଯାଇଥାଏ । ଏକ ସମୟରେ ସବୁ ପ୍ରାଣୀ ତଥା ଗୁହାଳକୁ ଟିଙ୍କ ଉକୁଣି ମୁକ୍ତ କରିବାକୁ ପଡିବ । ଭଲ ପାଗରେ ତଥା ଖାଦ୍ୟ ପାନୀୟ ଦେଇସାରିବା ପରେ ଏହି ଔଷଧ ପ୍ରୋୟୋଗ କରାଯିବା ଉଚିତ । ଯଦି କୌଣସି ପାର୍ଶ୍ବ ପ୍ରତିକ୍ରିୟା ଦେଖାଯାଏ, ତେବେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ସହ ଯୋଗାଯୋଗ କରିବା ଆବଶ୍ୟକ । |

## ଆବହାବିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):

| |
|---|
| ହଳଦିଆ ଚେତାବନୀ (ସତର୍କ ରୁହନ୍ତୁ): ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକା ବର୍ଷା କିମ୍ବା ବିଜୁଳି ଓ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି । |

## ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):

| |
|---|
| ଚାଷୀ ଭାଇ ମାନଙ୍କୁ ଫସଲରେ କୀଟନାଶକ ଔଷଧ ସିଂଚନ ଓ ଜଳସେଚନ ଆଗାମୀ ପାଞ୍ଚଦିନ ପାଇଁ ବନ୍ଦ ରଖିବାକୁ ପରାମର୍ଶ ଦିଆଯାଉଅଛି । ଅମଳ ହୋଇ ସାରିଥିବା ଶସ୍ୟ/ଉତ୍ପାଦ କୁ ସୁରକ୍ଷିତ ସ୍ଥାନକୁ ନେଇ ଯାଆନ୍ତୁ, ଯେପରିକି ବର୍ଷା କାରଣରୁ କୌଣସି କ୍ଷତି ନ ହୁଏ । ଅତ୍ୟଧିକ ପବନରୁ ରକ୍ଷା ପାଇବା ପାଇଁ କଖାରୁଜାତୀୟପନିପରିବା, କଦଳୀ ଓ ଅମୃତଭଣ୍ଡା ଗଛରେ ଢେରା ଦିଅନ୍ତୁ। ପାଣିପାଗରପୂର୍ବାନୁମାନ ଅନୁସାରେ ଆସନ୍ତାକାଲି ବଜ୍ରପାତ ସହିତ ଅଧିକ ବେଗରେ ପବନ ବୋହିବାର ସମ୍ଭାବନା ରହିଛି । ତେଣୁ, ଚାଷୀ ଭାଇମାନଙ୍କୁ ବଜ୍ରପାତ ସମୟରେ ଖୋଲା ସ୍ଥାନ, ଗଛତଳେ, କିମ୍ବା ପାଣି ଥିବା ସ୍ଥାନ ନିକଟରେ ନ ରହିବାକୁ ଓ ବିଦ୍ୟୁତ ଉପକରଣ ଏବଂ ପାଣିମୋଟର ଚାଲୁ ନ ରଖିବାକୁ ପରାମର୍ଶ ଦିଆଯାଉଅଛି । ବର୍ଷା ହେତୁ ଲତା ଜାତୀୟ ପନିପରିବା ପ୍ରଭାବିତ ହେବାର ସମ୍ଭାବନା ଥିବାରୁ ଅମଳ ଉପଯୋଗୀ ପନିପରିବା କୁ ତୋଳି ଦିଅନ୍ତୁ ତଥା ରଂଯା ମଜବୁତ କରି ଦିଅନ୍ତୁ । ଗାଈଗୋରୁ ମାନଙ୍କୁ ସଫା ଏବଂ ଉଚିତ ପରିମାଣର ପାଣି ଯୋଗାନ୍ତୁ । ଘାସ ଚରିବା ପାଇଁ ପଶୁ ମାନଙ୍କୁ ବାହାରକୁ ଛାଡନ୍ତୁ ନାହିଁ । ସଅଳ କିମ୍ବା ମଧ୍ୟମ ଋତୁରେ ଦେଖାଯାଉଥିବା ମରୁଡିକୁ ଏଡ଼ାଇବା ପାଇଁ ବର୍ଷାଜଳ ସଂଗ୍ରହ ପ୍ରକଳ୍ପ ଗୁଡିକୁ ମରାମତି କରନ୍ତୁ \| |

**Farmers are advised to download Unified �Mausam� and "Meghdoot" android application on mobile for Weather forecast and weather based Agromet Advisories and "Damini" android application for forecast of Thunderstorm and lightening.**

**Mausam MobileApp link: https://play.google.com/store/apps/details/**

**Meghdoot MobileApp link: https://play.google.com/store/apps/details**

**Damini MobileApp link : https://play.google.com/store/apps/details**